# His Highness Prince Faisal bin Farhan Al Saud, the Minister of Foreign Affairs of the Kingdom of Saudi Arabia calls on Prime Minister Shri Narendra Modi

September 20, 2021

# ସାଉଦି ଆରବର ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫୈସଲ ବିନ୍ ଫରହାନ ଅଲ ସାଉଦ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି

ସେପ୍ଟେମ୍ବର 20, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସାଉଦି ଆରବର ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫୈସଲ ବିନ୍ ଫରହାନ ଅଲ ସାଉଦଙ୍କୁ ଭେଟିଛନ୍ତି ।

ଦୁଇ ଦେଶ ମଧ୍ୟରେ ପ୍ରତିଷ୍ଠିତ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ କାଉନସିଲର ତତ୍ତ୍ୱାବଧାନରେ ନିଆଯାଇଥିବା ବିଭିନ୍ନ ଦ୍ୱିପାକ୍ଷିକ ପଦକ୍ଷେପଗୁଡ଼ିକର ଅଗ୍ରଗତି ଉପରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଶକ୍ତି, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା ଉତ୍ପାଦନ ସମେତ ସାଉଦି ଆରବରୁ ଭାରତରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

ଏହି ବୈଠକରେ ଆଫଗାନିସ୍ତାନର ପରିସ୍ଥିତି ସହିତ ଆଞ୍ଚଳିକ ବିକାଶ ଦୃଷ୍ଟିକୋଣ ଉପରେ ମଧ୍ୟ ମତ ବିନିମୟ ହୋଇଥିଲା ।

କୋଭିଡ-୧୯ ମହାମାରୀ ସମୟରେ ପ୍ରବାସୀଙ୍କ କଲ୍ୟାଣ ଉପରେ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦେଇଥିବାରୁ ସାଉଦି ଆରବକୁ ପ୍ରଧାନମନ୍ତ୍ରୀ ବିଶେଷ ଧନ୍ୟବାଦ ଜଣାଇଛନ୍ତି ।

ସାଉଦି ଆରବର ମହାମହିମ ସମ୍ରାଟ ଏବଂ ଯୁବରାଜଙ୍କୁ ପ୍ରଧାନମନ୍ତ୍ରୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

**ନୂଆଦିଲ୍ଲୀ**

ସେପ୍ଟେମ୍ବର 20, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.